# NATIONAL NEWS BULLETIN (ODIA)
## 11th April - 2026
## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମହେନ୍ଦ୍ର କୁମାର ମାଝୀ**

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନପାଇଁ କ୍ରମଶଃ ବୃଦ୍ଧି ପାଉଛି ପ୍ରଚାର କାର୍ଯ୍ୟ ।

— କଟୱା, ଜାଙ୍ଗିପୁର ଓ କୁଶମଣ୍ଡିରେ ଜନସମାବେଶକୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ ।

- ଆସାମ, କେରଳମ୍ ଓ ପୁଡୁଚେରୀରେ ପର୍ଯ୍ୟବେକ୍ଷଣ ପରେ ନିର୍ବାଚନ ପ୍ରକ୍ରିୟାକୁ ପ୍ରଶଂସା କଲେ ଅନ୍ତର୍ଜାତୀୟ ପ୍ରତିନିଧିମଣ୍ଡଳି ।

- ୨୦ ହଜାର ୪ ଶହ ଟନ୍ ଏଲ୍.ପି.ଜି. ସହ ଭାରତୀୟ ଜାହାଜ ଜଗ ବିକ୍ରମ ଅତିକ୍ରମ କଲା ହର୍ମୁଜ୍ ପ୍ରଣାଳୀ ।

— ଆସନ୍ତା ୧୫ ତାରିଖରେ ପହଞ୍ଚିବ ମୁମ୍ବାଇରେ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଦିଲ୍ଲୀ କ୍ୟାପିଟାଲ୍‌ସ୍ ।

## ୱେଷ୍ଟବେଙ୍ଗଲ କ୍ୟାମ୍ପେନ୍

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନପାଇଁ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି । ପ୍ରମୁଖ ରାଜନୈତିକ ଦଳଗୁଡ଼ିକର ଶୀର୍ଷ ନେତୃତ୍ୱ ବିଭିନ୍ନ ଅଞ୍ଚଳରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ସାମିଲ୍ ହୋଇଛନ୍ତି । ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କଟୱା, ଜାଙ୍ଗିପୁର ଏବଂ କୁଶମଣ୍ଡିରେ ୩ଟି ଜନସମାବେଶକୁ ସମ୍ବୋଧିତ କରିଛନ୍ତି । ରାଜ୍ୟରେ ତୃଣମୂଳ କଂଗ୍ରେସ ସରକାର ଦୁର୍ନୀତିରେ ଲିପ୍ତ ରହିଥିବା ଏବଂ କୁଶାସନ ନେଇ ସେ ଅଭିଯୋଗ କରିଛନ୍ତି । ବି.ଜେ.ପି. କ୍ଷମତାକୁ ଆସିଲେ ଏକ ସ୍ୱଚ୍ଛ ପ୍ରଶାସନ ରାଜ୍ୟବାସୀଙ୍କୁ ପ୍ରଦାନ କରାଯିବ ବୋଲି ଶ୍ରୀ ମୋଦି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏକକ ନାଗରିକ ସଂହିତା ମାଧ୍ୟମରେ ରାଜ୍ୟବାସୀଙ୍କୁ ସମାନ ଅଧିକାର ପ୍ରଦାନ ନେଇ ଶ୍ରୀ ମୋଦି ପ୍ରତିଶ୍ରୁତି ଦେଇଛନ୍ତି ।

ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା’ ବାଙ୍କୁରାଠାରେ ନିର୍ବାଚନ ସମାବେଶକୁ ସମ୍ବୋଧନ କରିଛନ୍ତି । ରାଜ୍ୟରେ

ବି.ଜେ.ପି. ସରକାର ଗଠନ କଲେ ଜନଜାତି ସମ୍ପ୍ରଦାୟପାଇଁ ବିକାଶର ମାର୍ଗ ଉନ୍ମୁକ୍ତ ହେବ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଶ୍ଚିମ ମିଦ୍‌ନାପୁର ଏବଂ ଝାରଗ୍ରାମରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ତୃଣମୂଳ କଂଗ୍ରେସ ମହାସଚିବ ଅଭିଷେକ ବାନାର୍ଜୀ ବୀରଭୂମଠାରେ ଏକ ର୍‍ୟାଲି ଏବଂ ପୂର୍ବ ବର୍ଦ୍ଧମାନ୍‌ଠାରେ ଏକ ରୋଡ୍‌ଶୋ'ରେ ସାମିଲ୍ ହୋଇଥିଲେ ।

ସି.ପି.ଆଇ.ଏମ୍. ପ୍ରାର୍ଥୀ ମୀନାକ୍ଷି ମୁଖାର୍ଜୀ ଉତ୍ତରପଡ଼ାଠାରେ ଘରକୁ ଘର ବୁଲି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରିଥିବାବେଳେ ସୃଜନ ଭଟ୍ଟାଚାର୍ଯ୍ୟ ସୋନାମୁଖୀରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନସମାବେଶକୁ ସମ୍ବୋଧନ କରିଛନ୍ତି ।

## ଇ.ସି.ଆଇ. - ଡେଲିଗେଟ୍‌ସ୍ ଭିଜିଟ୍

ଆସାମ, କେରଳମ୍ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପ୍ରକ୍ରିୟାକୁ ଅନ୍ତର୍ଜାତୀୟ ପ୍ରତିନିଧିମଣ୍ଡଳି ପର୍ଯ୍ୟବେକ୍ଷଣ କରିଛନ୍ତି । ଦେଶର ନିର୍ବାଚନ ପ୍ରକ୍ରିୟାକୁ ସେମାନେ ଉଚ୍ଚ ପ୍ରଶଂସା କରିଛନ୍ତି । ଭାରତର ନିର୍ବାଚନ ଆୟୋଗଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ନିର୍ବାଚନ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ-୨୦୨୬ ଅଧୀନରେ ୨୨ଟି ଦେଶର ୩୮ ଜଣ ପ୍ରତିନିଧି ଦୁଇଦିନିଆ ଭାରତ ଗସ୍ତରେ ଆସିଛନ୍ତି । ନିର୍ବାଚନ ଆୟୋଗ ଏକ ବିବୃତ୍ତିରେ କହିଛନ୍ତି,

ନିର୍ବାଚନ ପରିଚାଳନା ଏବଂ ବହୁସଂଖ୍ୟକ ଭୋଟରଙ୍କ ଅଂଶଗ୍ରହଣ ପ୍ରତିନିଧିମଣ୍ଡଳିକୁ ବିଶେଷଭାବେ ପ୍ରଭାବିତ କରିଛି । ଭାରତର ନିର୍ବାଚନ ପରିଚାଳନା ପ୍ରକ୍ରିୟା ଅତ୍ୟନ୍ତ ସ୍ୱଚ୍ଛ, ସମାବେଶୀ ଏବଂ ଉଚ୍ଚକୋଟୀର ବୋଲି ପ୍ରତିନିଧିମଣ୍ଡଳି ପ୍ରକାଶ କରିଛି । କ୍ରୋଏସିଆର ପ୍ରତିନିଧି ବ୍ରାନିମିର ଫର୍କାସ' ଭାରତର ନିର୍ବାଚନ ପ୍ରକ୍ରିୟା ଗଣତନ୍ତ୍ରର ଏକ ଉତ୍ସବଭାବେ ବର୍ଣ୍ଣନା କରିଛନ୍ତି । ସେରା ଲିଓନ୍‌ର ପ୍ରତିନିଧି ଆବୁବାକର ମହମ୍ମଦ କୋରୋମା' ଭାରତର ଇ.ଭି.ଏମ୍. ପ୍ରଚଳନ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି ।

ସି.ସି.ଟି.ଭି. ପ୍ରଚଳନ ଫଳରେ ଭୋଟ୍‌ଗ୍ରହଣ କେନ୍ଦ୍ରଗୁଡ଼ିକରେ ଶତ ପ୍ରତିଶତ ୱେବ୍‌କାଷ୍ଟିଂ ବ୍ୟବସ୍ଥା ହୋଇପାରୁଥିବା ପ୍ରତିନିଧିମଣ୍ଡଳି ପ୍ରକାଶ କରିଛି । ପ୍ରତିନିଧିମଣ୍ଡଳିର ସଦସ୍ୟମାନେ ମକ୍‌ପୋଲ୍ ଏବଂ ପ୍ରକୃତ ମତଦାନ ବ୍ୟବସ୍ଥା ଆସାମର କାମରୂପ୍, କୋଚି ଏବଂ କେରଳର ତିରୁବନନ୍ତପୁରମ୍‌ଠାରେ ପର୍ଯ୍ୟବେକ୍ଷଣ କରିଛନ୍ତି । ନିର୍ବାଚନ ବ୍ୟବସ୍ଥାରେ ପ୍ରଯୁକ୍ତିବିଦ୍ୟା, ଇ.ଭି.ଏମ୍. ପ୍ରଚଳନ, ଡ୍ରୋନ୍‌ଭିତ୍ତିକ ଅନୁଧ୍ୟାନ ଏବଂ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ଼ର କାର୍ଯ୍ୟକାରିତାକୁ ନେଇ ପ୍ରତିନିଧିମଣ୍ଡଳି ସନ୍ତୋଷ ପ୍ରକାଶ କରିଛନ୍ତି । କେରଳରେ ନୂତନଭାବେ ପ୍ରଚଳନ କରାଯାଇଥିବା Gen Z ବ୍ୟବସ୍ଥା ଏବଂ ପୁଡୁଚେରୀରେ ପ୍ରୟୋଗ କରାଯାଇଥିବା ରୋବୋଟ୍ ସହାୟତାକୁ ପ୍ରତିନିଧିମଣ୍ଡଳି ଉଚ୍ଚ ପ୍ରଶଂସା କରିଛନ୍ତି ।

## ଗୋୟଲ୍ - ସାଉଦି ଆରବିୟା

ପଶ୍ଚିମ ଏସିଆରେ ଯୁଦ୍ଧବିରତି ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ସେଠାରେ ଶାନ୍ତି ଏବଂ ନିରାପତ୍ତା ମାର୍ଗ ଉନ୍ମୁକ୍ତ କରିବ ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ୍ କହିଛନ୍ତି । ମନ୍ତ୍ରୀ ଶ୍ରୀ ଗୋୟଲ ଆଭାସୀ ଜରିଆରେ ତାଙ୍କ ସାଉଦି ଆରବ ପ୍ରତିପକ୍ଷ ଡକ୍ଟର ମାଜିଦ୍ ବିନ୍ ଅବଦୁଲା ଅଲ୍ କସାବିଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ପଶ୍ଚିମ ଏସିଆ ପରିସ୍ଥିତି ସତ୍ତ୍ୱେ ଯୋଗାଣ ଶୃଙ୍ଖଳପାଇଁ ସାଉଦି ଆରବ ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକର ଶ୍ରୀ ଗୋୟଲ ଉଚ୍ଚ ପ୍ରଶଂସା କରିଛନ୍ତି । ଏଭଳି ସଙ୍କଟପୂର୍ଣ୍ଣ ପରିସ୍ଥିତିରେ ସାଉଦିବାସୀମାନେ ଭାରତୀୟ ସମ୍ପ୍ରଦାୟକୁ ସାହାଯ୍ୟ, ସହଯୋଗ ଓ ସୁରକ୍ଷା ଯୋଗାଇଥିବାରୁ ଏହା ପ୍ରଶଂସନୀୟ କାର୍ଯ୍ୟ ବୋଲି ଶ୍ରୀ ଗୋୟଲ କହିଛନ୍ତି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ବଳବତ୍ତର ରହିବା ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି । ସାଉଦି ଆରବ ଏବଂ ଉପସାଗରୀୟ ଅଞ୍ଚଳକୁ ଭାରତର ରପ୍ତାନୀ ଜାରି ଉପରେ ମନ୍ତ୍ରୀ ଶ୍ରୀ ଗୋୟଲ ଗୁରୁତ୍ୱାରୋପ କରିଛନ୍ତି ।

## ଇଣ୍ଟର ମିନିଷ୍ଟେରିଆଲ୍ - ୱେଷ୍ଟ ଏସିଆ

ଦେଶବ୍ୟାପୀ ଘରୋଇ ଏଲ୍.ପି.ଜି. ସିଲିଣ୍ଡର ଯୋଗାଣ ସ୍ୱାଭାବିକ ରହିଥିବା ସରକାର ସୂଚନା ଦେଇଛନ୍ତି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ କହିଛି, ଗତକାଲି ୫୧ ଲକ୍ଷ ୫୦ ହଜାରରୁ ଅଧିକ ଏଲ୍.ପି.ଜି. ସିଲିଣ୍ଡର ଯୋଗାଣ ହୋଇଛି । ବେଆଇନ ମହଜୁଦ ଏବଂ କଳାବଜାରୀକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସମଗ୍ର ଦେଶରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତକାଲି ୩ ହଜାର ୪ ଶହରୁ ଅଧିକ ଚଢ଼ାଉ କରାଯାଉଥିଲା । ୨୧୪ଟି ଏଲ୍.ପି.ଜି. ବିତରକଙ୍କ ଉପରେ ଦଣ୍ଡାଦେଶ ଲାଗୁ କରାଯିବା ସହ ୫୫ଟି ବିତରକଙ୍କୁ ନିଲମ୍ବନ କରାଯାଇଛି ।

ଗତମାସ ୨୩ ତାରିଖ ପରଠାରୁ ଛାତ୍ର ଏବଂ ପ୍ରବାସୀ ଶ୍ରମିକଙ୍କ ମିଶାଇ ବିଭିନ୍ନ କ୍ଷେତ୍ରର ୧୨ ଲକ୍ଷରୁ ଊର୍ଦ୍ଧ୍ୱ ୫ କିଲୋଗ୍ରାମ୍‌ବିଶିଷ୍ଟ ମୁକ୍ତ ବାଣିଜ୍ୟ ଏଲ୍.ପି.ଜି. ସିଲିଣ୍ଡର ବିକ୍ରି କରାଯାଇଥିବା ମନ୍ତ୍ରଣାଳୟ କହିଛି ।

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ପଶ୍ଚିମ ଏସିଆ କ୍ଷେତ୍ରରେ କାର୍ଯ୍ୟରତ ଭାରତୀୟ ନାବିକ ଏବଂ ଜାହାଜଗୁଡ଼ିକୁ ସୁରକ୍ଷା ଦେବାପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଭାରତୀୟ ପତାକାଯୁକ୍ତ ଏଲ୍.ପି.ଜି. ଜାହାଜ ଜଗ ବିକ୍ରମ ଆଜି ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି । ଏହି ଜାହାଜରେ ୨୪ ଜଣ ନାବିକଙ୍କ ସମେତ ପ୍ରାୟ ୨୦ ହଜାର ୪ ଶହ ଟନ୍ ଏଲ୍.ପି.ଜି. ଭାରତ ଆସିଛି । ଅସନ୍ତା ୧୫ ତାରିଖରେ ମୁମ୍ବାଇ ବନ୍ଦରରେ ଏହା ପହଞ୍ଚିବାର ଆଶା କରାଯାଉଛି ।

ସଂଘର୍ଷ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ରହିଥିବା ପ୍ରବାସୀ ଭାରତୀୟଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯାଉଛି । ଆକାଶମାର୍ଗ ଉନ୍ମୁକ୍ତ ଥିବା ଦେଶଗୁଡ଼ିକରେ ବିମାନ ଚଳାଚଳ ଜାରି ରହିଛି । ଗତ ଫେବୃୟାରୀ ମାସ ୨୮ ତାରିଖ ପରଠାରୁ ଏପର୍ଯ୍ୟନ୍ତ ପ୍ରାୟ ୮ ଲକ୍ଷ ୭୧ ହଜାର ଯାତ୍ରୀ ଭାରତକୁ ଯାତ୍ରା କରିଥିବା ସରକାର କହିଛନ୍ତି । ତେହରାନ୍‌ସ୍ଥିତ ଭାରତୀୟ ଦୂତାବାସ ଦେଇଥିବା ସୂଚନା ଅନୁଯାୟୀ ଇରାନ୍‌ରୁ ଆର୍ମେନିଆ ଓ ଆଜାରବାଇଜାନ୍‌କୁ ଏବଂ ପରେ ସେଠାରୁ ଭାରତକୁ ଯାତ୍ରାପାଇଁ ୨ ହଜାର ୨୨୫ ଜଣ ଭାରତୀୟ ନାଗରିକଙ୍କୁ ସହଯୋଗ ପ୍ରଦାନ କରାଯାଇଛି । ସେଥିମଧ୍ୟରେ ୯୮୧ ଜଣ ଛାତ୍ର ଏବଂ ୬୬୨ ଜଣ ମତ୍ସ୍ୟଜୀବୀ ଅନ୍ତର୍ଭୁକ୍ତ ।

## ଦିଲ୍ଲୀ-ଡେରାଡୁନ୍ ଏକ୍ସପ୍ରେସ୍‌ୱେ

ଦିଲ୍ଲୀ-ଡେରାଡୁନ୍ ଏକ୍ସପ୍ରେସ୍‌ୱେ ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତି ଏବଂ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପ୍ରକାଶ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ହର୍ଷ ମାଲହୋତ୍ରା କହିଛନ୍ତି, ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ଭାରତୀୟ ବନ୍ୟପ୍ରାଣୀ ସଙ୍ଗଠନର ମିଳିତ ଉଦ୍ୟମ ଏକ୍ଷେତ୍ରରେ ବିଶେଷ ସହାୟକ ହୋଇପାରିଛି । ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ସୁଗମ ଯାତାୟତ

ନିମନ୍ତେ ୧୮ କିଲୋମିଟର ଦୀର୍ଘ ଗଣେଶପୁର-ଆଶାରୋଡ଼ି ଗତିପଥକୁ ସମ୍ପ୍ରସାରିତ କରାଯାଇଛି । ଭୂତଳ ଯାତାୟତ ମାର୍ଗ ପାଇଁ ୧୮ଟି ପ୍ରଜାତିର ବନ୍ୟପ୍ରାଣୀଙ୍କ ୪୦ ହଜାର ଛବି ଥିବା ବିଭିନ୍ନ ପ୍ରକାର ପୋଷ୍ଟର ଓ ହୋର୍ଡ଼ିଂ ପ୍ରଦର୍ଶନ କରାଯାଇଛି । ବନ୍ୟପ୍ରାଣୀଙ୍କ ସୁଗମ ଯାତାୟାତକୁ ଏହା ସହଯୋଗ ପ୍ରଦାନ କରିବା ସହ ପରିବେଶଗତ ପର୍ଯ୍ୟାପ୍ତ ସୁବିଧା ଉପଲବ୍ଧ ହେବ ବୋଲି ମନ୍ତ୍ରୀ ଶ୍ରୀ ମାଲହୋତ୍ରା ପ୍ରକାଶ କରିଛନ୍ତି ।

## ଇଣ୍ଡିଆ-ନେପାଳ ହାଇୱେ ପ୍ରୋଜେକ୍ଟ

ଭାରତ ଓ ନେପାଳ ମଧ୍ୟରେ ବାଣିଜ୍ୟ ସମ୍ପର୍କକୁ ସୁଦୃଢ଼ କରିବାରେ ବାରବାଙ୍କି-ବାହାରିଚ୍ ଜାତୀୟ ରାଜପଥ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ କହିଛି । ଏହି ୯୨୭ ନମ୍ବର ଜାତୀୟ ରାଜପଥକୁ ଚାରି ଲେନ୍‌ବିଶିଷ୍ଟ ତଥା ପ୍ରବେଶ ନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟକୁ କେନ୍ଦ୍ର କ୍ୟାବିନେଟ୍ ଇତିମଧ୍ୟରେ ମଞ୍ଜୁରି ପ୍ରଦାନ କରିଛି । ମନ୍ତ୍ରଣାଳୟ କହିଛି, ଏହି ପ୍ରକଳ୍ପ ରୁପାଇଡିହା ଏବଂ ନେପାଳର ନେପାଳଗଞ୍ଜ ସହିତ ସଂଯୋଗୀକରଣରେ ଉଲ୍ଲେଖନୀୟ ସାବ୍ୟସ୍ତ ହେବ । ସୀମାପାର ବାଣିଜ୍ୟ କାରବାରକୁ ଏହା ତ୍ୱରାନ୍ୱିତ କରିବା ସହ ଆଞ୍ଚଳିକ ଜୀବନଧାରଣ ମାନରେ ଉନ୍ନତି ଆଣିବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି । ଏହାଦ୍ୱାରା

ନିଯୁକ୍ତିକ୍ଷେତ୍ର ବୃଦ୍ଧି ପାଇବ ଏବଂ ସେହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ବଜାର କ୍ଷେତ୍ର ଗତିଶୀଳ ହେବ ବୋଲି ମନ୍ତ୍ରଣାଳୟ କହିଛି ।

## ଚିତା-ବାର୍ଥ କୁନୋ ନ୍ୟାସନାଲ ପାର୍କ

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଭାରତରେ ଜନ୍ମିତ ଏକ ମାଈ ଚିତାବାଘ ୪ଟି ଶାବକ ଜନ୍ମ ଦେଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦର ଯାଦବ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଭାରତରେ ଜନ୍ମିତ ଦ୍ୱିତୀୟ ପିଢ଼ିର ଏହି ମାଈ ଚିତାବାଘ ଗାମିନୀ-କେ.ଜି.ପି.୧୨ ପ୍ରାକୃତିକ ପରିବେଶ ମଧ୍ୟରେ ସଫଳତାର ସହ ୪ଟି ଶାବକ ଜନ୍ମ ଦେଇଛି । ଦେଶରେ ଚିତାବାଘ ସଂରକ୍ଷଣ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ମନ୍ତ୍ରୀ ଶ୍ରୀ ଯାଦବ ବର୍ଣ୍ଣନା କରିଛନ୍ତି । ଭାରତୀୟ ପରିବେଶଗତ ପରିସ୍ଥିତିରେ ଚିତାବାଘଙ୍କର ବର୍ଦ୍ଧିତ ସଂଖ୍ୟାକୁ ଏହା ପ୍ରତିଫଳିତ କରୁଛି । ଏହି ସଫଳତାପାଇଁ ବନ୍ୟପ୍ରାଣୀ ପରିଚାଳକ, ପ୍ରାଣୀ ଚିକିତ୍ସକ ଏବଂ କୁନୋ ଜାତୀୟ ଉଦ୍ୟାନର କ୍ଷେତ୍ର କର୍ମଚାରୀଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ର ଆଜିର ଦ୍ୱିତୀୟ ମ୍ୟାଚ୍ ଆଉ କିଛି ସମୟ ପରେ ଆରମ୍ଭ ହେବ । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡ଼ିୟମ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍‌ସ' ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି ।

ଆଜିର ପ୍ରଥମ ମ୍ୟାଚ୍ ପଞ୍ଜାବ କିଙ୍ଗ୍‌ସ ବିଜୟୀ ହୋଇଛି । ନିୟୁ ଚଣ୍ଡିଗଡ଼ସ୍ଥିତ ମହାରାଜା ଯଜୁବେନ୍ଦ୍ର ସିଂହ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ' ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦ୍ରାବାସ ୬ ୱିକେଟ୍ ବିନିମୟରେ ୨୧୯ ରନ୍ ସଂଗ୍ରହ କରିଥିଲା । ବିଜୟ ଲକ୍ଷ୍ୟକୁ ପଞ୍ଜାବ କିଙ୍ଗ୍‌ସ ୪ ୱିକେଟ୍ ବିନିମୟରେ ହାସଲ କରିପାରିଛି ।

*****